ODIA TRANSLATION

# ୩୨୬ତମ ଭର୍ଚୁଆଲ୍ ଋତ୍ୱିକ ସମ୍ମିଳନୀରେ
# ପୂଜନୀୟ ବିଙ୍କୀଦାଙ୍କ ବକ୍ତବ୍ୟ (ସମ୍ପାଦିତ)
# ଡିସେମ୍ବର ୩୧, ୨୦୨୧

ଜୟଗୁରୁ ! ଏଇ ଋତ୍ୱିକ ସମ୍ମିଳନୀର ଆୟୋଜନ ଲାଗି ଆମେ ଖୁବ୍ କମ୍ ସମୟ ପାଇଥିଲୁ। ହାତରେ ସମୟ ନ ଥିଲା। ଇତିମଧ୍ୟରେ ଆମମାନଙ୍କ ଜୀବନରେ ଏକ ପଟ୍ଟ-ପରିବର୍ତ୍ତନର ଲୀଳା ସଂଘଟିତ ହୋଇଯାଇଛି। ତାହାକୁ ସମ୍ଭାଳୁ ସମ୍ଭାଳୁ ଏଇ ଋତ୍ୱିକ ସମ୍ମିଳନୀର ବେଳ ଚାଲି ଆସିଲା। ଏବେ ବି ସଂକ୍ରମଣର ପ୍ରଭାବ ରହିଛି, ତେଣୁ ପୂର୍ବ କିଛିଥର ଭଳି ଏଥର ମଧ୍ୟ ଭର୍ଚୁଆଲ୍ ମାଧ୍ୟମରେ ହିଁ ଋତ୍ୱିକ ସମ୍ମିଳନୀ ଅନୁଷ୍ଠିତ ହେଉଛି। ପରମପୂଜ୍ୟପାଦ ମେଜଦା, ମୋର ପୂଜନୀୟ ମଝିୟା କାକା, ସତସଙ୍ଗର ସଭାପତି–ସେ ତାଙ୍କର ଆଶୀର୍ବାଦୀ କିଛି କଥା ଆମମାନଙ୍କ ଉଦ୍ଦେଶ୍ୟରେ କହିଛନ୍ତି । ସତସଙ୍ଗର ଶ୍ରଦ୍ଧେୟ ସେକ୍ରେଟାରୀ ମହୋଦୟ କାର୍ତ୍ତିକଦା ନିଜ ବକ୍ତବ୍ୟ ସହ ବାର୍ଷିକ ରିପୋର୍ଟ ପାଠ କରିଛନ୍ତି। ଏହା ବ୍ୟତୀତ ମୁଁ କହୁଛି। ଏଇ ତିନିଜଣଙ୍କର ବକ୍ତବ୍ୟକୁ ନେଇ ହିଁ ଏଥରର ଋତ୍ୱିକ ସମ୍ମିଳନୀ।

ବିଶେଷ କିଛି ଜରୁରୀ କଥା ଅଛି ଯାହା ଆପଣମାନଙ୍କୁ--- ପ୍ରତ୍ୟେକ କର୍ମୀଙ୍କୁ ଜଣେଇବା ଦରକାର। ଠାକୁରଙ୍କର ପାଞ୍ଜାଧାରୀ କର୍ମୀ-ସେବକଗଣ ତାଙ୍କରି ବାର୍ତ୍ତାବାହୀ, ତାଙ୍କର ଆଦର୍ଶବାହୀ–ତାଙ୍କର ଆଦର୍ଶକୁ ମଣିଷ ପାଖରେ ପହଞ୍ଚାଇଦେବା ହିଁ କର୍ମୀମାନଙ୍କର କାର୍ଯ୍ୟ। ତେଣୁ କିଛି କଥା ସେମାନେ ଅବଗତ ହେବା ପ୍ରୟୋଜନ। ସେଗୁଡ଼ିକୁ ଜାଣି, ସେଇ ଅନୁଯାୟୀ ନିଜେ ଆଚରଣଶୀଳ ହୋଇଉଠିବା ଏବଂ ପ୍ରତ୍ୟେକଙ୍କୁ ସେହି ପଥରେ ଚାଲିବାକୁ ଅଭ୍ୟସ୍ତ କରାଇବା–ଏହା ହେଉଛି କର୍ମୀମାନଙ୍କର କାର୍ଯ୍ୟ। ଆମସମସ୍ତଙ୍କର ଜୀବନର ସମ୍ମୁଖରେ ଏହି ଯେ ପଟ୍ଟ-ପରିବର୍ତ୍ତନ ହେଲା। ଏହି ପରିପ୍ରେକ୍ଷୀରେ କିଛି କଥା ଆପଣମାନଙ୍କୁ ଜଣାଇବା ଦରକାର। ଭଲଭାବେ ଶୁଣିନେବେ, ଜାଣିନେବେ, ବୁଝିନେବେ–ସେହି ଅନୁଯାୟୀ ତାହା ବାସ୍ତବାୟିତ କରିତୋଳିବେ ନିଜ ଜୀବନରେ, ସମସ୍ତଙ୍କ ଜୀବନରେ ଏବଂ ସତସଙ୍ଗର ଯେଉଁସବୁ ପ୍ରତିଷ୍ଠାନ ରହିଛି ବିଭିନ୍ନ ସ୍ଥାନରେ–ସତସଙ୍ଗ କେନ୍ଦ୍ର, ମନ୍ଦିର, ବିହାର ବା ଯାହାକିଛି ରହିଛି, ସେ ସବୁ ପ୍ରତିଷ୍ଠାନ ଗୁଡିକ ରେ ମଧ୍ୟ ଏହାକୁ ବାସ୍ତବାୟିତ କରିତୋଳିବେ।

ଆମେ ଆମ ଜୀବନରେ ଠାକୁରଙ୍କୁ ଗ୍ରହଣ କରିଛେ, ତାଙ୍କୁ ଅନୁସରଣ କରି ଚାଲିବାକୁ ସଂକଳ୍ପ ନେଇଛେ। କାହିଁକି ନେଇଛେ ? ନିଜର ବଞ୍ଚିବା-ବଢ଼ିବାର ଆକାଂକ୍ଷାରେ ହିଁ। ଆମେ ବଞ୍ଚି ରହିବାକୁ ଚାହୁଁ, ବଢ଼ିଉଠିବାକୁ ଚାହୁଁ, ଆଉ ସେହିଯୋଗୁହିଁ ଏହି ସଂକଳ୍ପ ନେଇଛେ । ଏବଂ ସେ ଯେ-ଭାବରେ ଆମକୁ ଚଳିବାରେ ଅଭ୍ୟସ୍ତ ହେବାକୁ କହିଛନ୍ତି, ସେହି ଚଳନରେ ଅଭ୍ୟସ୍ତ ହେବାର ସଂକଳ୍ପ ଆମେ ନେଇଛେ । ଯିଏ ଯେ-ଭଳି ଭାବରେ ହେଉ ଚଳିବାକୁ ଚେଷ୍ଟା କରୁ, ଯାହାର ଯେପରି ସାଧ୍ୟ ସେହି ଅନୁସାରେ ହିଁ ଚଳିବାର ଚେଷ୍ଟା କରୁ ।

ବିଗତ ଡିସେମ୍ବର ୧୬ ତାରିଖରେ ପରମାରାଧ୍ୟ ପିତୃଦେବ ପାର୍ଥିବ-ଲୀଳା ସମ୍ବରଣ କରି ବ୍ରହ୍ମଲୀନ ହୋଇଛନ୍ତି। ସେ ତାଙ୍କର ସମଗ୍ର ଜୀବନ ଦେଇ, ସମଗ୍ର ସତ୍ତା ଦେଇ ଦୟାଲ ଠାକୁରଙ୍କ ପ୍ରତିଷ୍ଠା, ଦୟାଲ ଠାକୁରଙ୍କୁ ପ୍ରକାଶ କରିଯାଇଛନ୍ତି–ନିଜ ପିତୃଦେବଙ୍କ ଭଳି। ତାଙ୍କର ଜୀବନଟାହିଁ ଦୟାଲ ଠାକୁରଙ୍କ ଭାବର ଦିବ୍ୟ ପ୍ରକାଶ ଥିଲା। ସମଗ୍ର ଜୀବନବ୍ୟାପୀ ସେ ସେଇ ପ୍ରକାଶକୁ ବିଚ୍ଛୁରଣ କରି ପ୍ରକୃତିର ଅମୋଘ ନିୟମରେ, ପରିଣତ ବୟସରେ ଲୀଳା-ସମ୍ବରଣ କରି ବ୍ରହ୍ମଲୀନ ହୋଇଛନ୍ତି–ନିଜଧାମକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପୁରୁଷୋତ୍ତମ କିନ୍ତୁ ଚିର-ଅତନ୍ଦ୍ର। ତାଙ୍କର ରଥ କେବେ ଥମିବ ନାହିଁ, ତାଙ୍କ ଚାଲିବାର ଗତି ମଧ୍ୟ ଥମିବ ନାହିଁ। ଦୁର୍ବାରଗତିରେ ସେଇ ରଥ ଗଡ଼ିଚାଲିବ। କେହି ତାହା ବ୍ୟାହତ କରିପାରିବେ ନାହିଁ, କୌଣସି କାରଣରେ ବି ତାହା ବ୍ୟାହତ ହେବ ନାହିଁ। ସେ ଯେଉଁ କାରଣ ହେତୁ ଏହି ଧରାଧାମରେ ଆବିର୍ଭୂତ ହୋଇଛନ୍ତି, ସେହି କାରଣ ସିଦ୍ଧ ହେବା ପର୍ଯ୍ୟନ୍ତ ଅବିରାମ ସେହି ଚଳନ ଚାଲିଥିବ । ତାଙ୍କର ଦିବ୍ୟ-ଲୀଳା ନାନା-ରୂପେ, ନାନା-ରସେ, ନାନା-ଶବ୍ଦେ, ନାନା-ଗନ୍ଧେ, ନାନା-ବର୍ଣ୍ଣେ ଆମମାନଙ୍କର ଜୀବନକୁ ଉଦ୍ଭାସିତ କରି ତୋଳିବ, ପୁଷ୍ଟ କରିତୋଳିବ ହିଁ। ଆମମାନଙ୍କ କିଭଳି ଚଳିବାକୁ ହେବ, କିଭଳି ଭାବିବାକୁ ହେବ, କିଭଳି କହିବାକୁ ହେବ, କିଭଳି ପ୍ରତିଟି ପଦକ୍ଷେପ ନେବାକୁ ହେବ–ତାହାର ପ୍ରତ୍ୟେକଟାର ବନ୍ଦୋବସ୍ତ

ସ୍ୱୟଂ ସେ, ଆମମାନଙ୍କର ପ୍ରିୟପରମ, ପରମଦୟାଲ, ପରମପ୍ରେମୀ–ପରମପ୍ରେମମୟ ପୁରୁଷୋତ୍ତମ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ସ୍ୱୟଂ କରିଛନ୍ତି। ଏଇ 'ସତସଙ୍ଗ'-ରେ ଯାହାସବୁ ଚାଲେ, ଯାହା ସବୁ ହୁଏ, ଯାହାକିଛି ନିୟମ, ଯାହାକିଛି ବିଧି, ସେହି ସବୁ କିନ୍ତୁ ତାଙ୍କରି ପ୍ରଦତ୍ତ, ତାଙ୍କରି ଆଶୀର୍ବାଦ, ତାଙ୍କରି ଅନୁଶାସନ। ସେଇ ଅନୁଶାସନ, ନିୟମ, ବିଧିକୁ ମାନ୍ୟ କରି ହିଁ ସବୁକିଛି ସଂଘଟିତ ହୋଇ ଚାଲେ ସ୍ୱାଭାବିକ ଗତିରେ। କୌଣସି କିଛି ଅଟକି ଯାଏନାହିଁ। ସବୁ ବ୍ୟବସ୍ଥା ସେ ହିଁ କରନ୍ତି।

ପରମାରାଧ୍ୟ ପିତୃଦେବ, ସମସ୍ତଙ୍କର ପରମପ୍ରିୟ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦାଙ୍କ ଅବର୍ତ୍ତମାନରେ ତାଙ୍କର ସୁଯୋଗ୍ୟ ଜ୍ୟେଷ୍ଠାତ୍ମଜ ପରମପୂଜ୍ୟପାଦ ଶ୍ରୀଶ୍ରୀଅର୍କଦ୍ୟୁତି ଚକ୍ରବର୍ତ୍ତୀ, ମୋର ବଡ଼ଭାଇ, ସେ ତୈଁତସ୍ଥଳାଭିଷିକ୍ତ ହୋଇ ବର୍ତ୍ତମାନ ଇଷ୍ଟଙ୍କର ଚେତନ-ପ୍ରତୀକ, ତାଙ୍କର ଜୀବନ୍ତ ତଥା ସଚଳ ଅଭିବ୍ୟକ୍ତି ଆଚାର୍ଯ୍ୟଦେବ-ରୂପେ ଆମମାନଙ୍କ ସମ୍ମୁଖରେ ରହିଛନ୍ତି। ତାଙ୍କୁ ନେଇ ହିଁ ଆମକୁ ଚାଲିବାକୁ ହେବ। ସେ ଏକାଧାରରେ ପ୍ରିୟପରମ ଦୟାଲ ଠାକୁରଙ୍କୁ ନିଜ ଆଚରଣରେ ପ୍ରସ୍ଫୁଟିତ କରି ଏବଂ ନିଜର ପିତୃ-ପରମ୍ପରାକୁ ଜୀବନ୍ତ ରଖି ଆମମାନଙ୍କର ଅଗ୍ରବର୍ତ୍ତୀ ହୋଇ, ଅଗ୍ନି-ରୂପେ–ଅଗ୍ନି ମାନେ ଯାହା ଆମକୁ ଅଗ୍ରଗାମୀ କରେ, ଆଚାର୍ଯ୍ୟ-ରୂପେ ଆମର ପଥପ୍ରଦର୍ଶନ କରିବେ। ତାଙ୍କ ଦ୍ୱାରା ପରିଚାଳିତ ହୋଇ ଆମମାନଙ୍କୁ ପରମଦୟାଲଙ୍କ ଇପ୍ସିତ ପଥରେ ନିଷ୍ଠା, ଆନୁଗତ୍ୟ ଏବଂ କୃତି-ସମ୍ବେଗ ସହ ଚାଲିବାକୁ ହେବ। ଏହା ହିଁ ହେଲା ଆମମାନଙ୍କର ଜୀବନ, ଏହା ହିଁ ହେଲା ଜୀବନବର୍ଦ୍ଧନର ଉପାୟ, ଏହା ହିଁ ହେଲା ଜୀବନକୁ ପୂର୍ଣ୍ଣ କରିବାର ଉପାୟ, ସାର୍ଥକ କରିବାର ଉପାୟ–ଏହା ହିଁ ହେଲା ମାନବତାକୁ ବଞ୍ଚାଇ ରଖିବାର ଉପାୟ । ଆମମାନଙ୍କୁ ବହୁ-ବହୁର ମଧ୍ୟରେ ଉଭିନ୍ନ ହୋଇଉଠିବାକୁ ହେବ, ଏହି ଭାବକୁ ବିଛାଡ଼ି ଦେବାକୁ ହେବ। ଆଚାର୍ଯ୍ୟଦେବଙ୍କୁ ସମ୍ମୁଖରେ ରଖି ଆମମାନଙ୍କୁ ତାଙ୍କ ଇପ୍ସିତ ଭାବରେ ପରମଦୟାଲଙ୍କ ଇଚ୍ଛାକୁ ବାସ୍ତବାୟିତ କରିତୋଳିବାକୁ ହେବ। ଏହା ହିଁ ଆମର ଶପଥ, ଏହା ହିଁ ଆମର ସଂକଳ୍ପ, ଏହା ହିଁ ଆମର ପ୍ରତିଜ୍ଞା। ଆମମାନଙ୍କର କିଛି ହରାଇବାର ନାହିଁ; ଆମର ଯାହା ପାଇବାର ନିୟତି ଇତିମଧ୍ୟରେ, ବହୁ ପୂର୍ବରେହିଁ ତାହା ନିର୍ଦ୍ଧାରିତ କରିଦେଇଛନ୍ତି–ଆମେ ଏଇ ଜୀବନରେ ଦୟାଲଙ୍କୁ ପାଇଛେ! ସେ ପୂର୍ଣ୍ଣ! ସବୁକିଛି ତାଙ୍କରି ଭିତରେ ହିଁ ରହିଛି, ତାଙ୍କ ବାହାରେ କିଛି ବି ନାହିଁ। ଏଣୁ ଆମମାନଙ୍କୁ ହରାଇବାର ଭୟ, ଅଭିଭୂତି, ଦୁଃଖ ବା ଗ୍ଲାନି କେବେ ବି ଗ୍ରାସ କରି ପାରେନାହିଁ।

ଏବେ ମୁଁ କିଛି କାମର କଥା କହୁଛି, ଆପଣମାନଙ୍କର ଏଗୁଡ଼ିକ ଜାଣିବା ପ୍ରୟୋଜନ। ସମସ୍ତେ ଏହି କଥାଗୁଡ଼ିକୁ ଭଲଭାବେ ବୁଝିନେବେ, ଜାଣିନେବେ ଏବଂ ଏସବୁ ଯେପରି ଉଚିତ ଭାବେ ନିଜ ଜୀବନରେ, ନିଜ ପରିବାରରେ, ପରିବେଶରେ, ପାରିପାର୍ଶ୍ୱିକରେ, ପ୍ରାତିଷ୍ଠାନିକ ଭାବେ, ସବୁ ସ୍ଥାନରେ, ସମସ୍ତଙ୍କ ଜୀବନରେ ପରିପାଳିତ ହୁଏ–ତାହା ଆପଣସମସ୍ତେ ମୂର୍ତ୍ତ କରିତୋଳନ୍ତୁ ।

ଦୀକ୍ଷାଦାତା କର୍ମୀମାନଙ୍କ ଉଦ୍ଦେଶ୍ୟରେ କହୁଛି; ଇଷ୍ଟଙ୍କ ଚେତନ ପ୍ରତୀକ ହେଉଛନ୍ତି ଆଚାର୍ଯ୍ୟଦେବ । ତେଣୁ, ବର୍ତ୍ତମାନ ଯିଏ ଆଚାର୍ଯ୍ୟଦେବ, ତାଙ୍କ ପ୍ରତିକୃତି ସମ୍ମୁଖରେ ନ ରଖି କେବେବି ଦୀକ୍ଷାଦାନ କରିବେ ନାହିଁ। ଯିଏ ବର୍ତ୍ତମାନ, ତାଙ୍କ ଭିତରେ ହିଁ ବିଗତ ଯିଏ ସେ ବିଦ୍ୟମାନ ରୁହନ୍ତି। ଆମମାନଙ୍କର ଇଷ୍ଟ, ଆରାଧ୍ୟ, ଧ୍ୟେୟ, ପୂଜ୍ୟ, ସବୁହିଁ କିନ୍ତୁ ଦୟାଲ ଠାକୁର। ଦୟାଲ ଠାକୁରଙ୍କ ଶରଣାଗତି ଲାଗି, ଦୟାଲ ଠାକୁରଙ୍କୁ ଗ୍ରହଣ କରିବା ଲାଗି, ଦୟାଲ ଠାକୁରଙ୍କୁ ନିଜର ଇଷ୍ଟ ହିସାବରେ ପ୍ରାପ୍ତ ହେବାପାଇଁ ଦୀକ୍ଷାଦାତା କର୍ମୀମାନଙ୍କ ମାଧ୍ୟମରେ ଯେ ଦୀକ୍ଷାଦାନ କରାଯାଏ, ସେଇ ସମୟରେ ଇଷ୍ଟ ଏବଂ ଇଷ୍ଟଙ୍କ ଚେତନ ପ୍ରତୀକ–ଏଇ ଦୁଇ ପ୍ରତିକୃତି ଯଥାଯୋଗ୍ୟ ମର୍ଯ୍ୟାଦାର ସହିତ ରଖିବାକୁ ହେବ। ଇଷ୍ଟଙ୍କ ଚେତନ ପ୍ରତୀକଙ୍କ ମାଧ୍ୟମରେ ହିଁ କିନ୍ତୁ ଇଷ୍ଟଙ୍କ ସହ ଆମେ ଯୁକ୍ତ ହେବା। ଆଉ ଇଷ୍ଟଙ୍କ ଚେତନ ପ୍ରତୀକ ହେଉଛନ୍ତି ଆଚାର୍ଯ୍ୟଦେବ। ତେଣୁ ବର୍ତ୍ତମାନ ଆଚାର୍ଯ୍ୟଦେବଙ୍କ ପ୍ରତିକୃତି, ଅର୍ଥାତ୍ ଫଟୋ ଦୀକ୍ଷାର ଆସନରେ ଯେଉଁ ଫଟୋ ରଖା ହୁଏ–ଦୀକ୍ଷା ସମୟରେ କର୍ମୀମାନେ ଯେ ଠାକୁରଙ୍କ ଫଟୋ ରଖନ୍ତି, ଆଚାର୍ଯ୍ୟଦେବଙ୍କ ଫଟୋ ରଖନ୍ତି, ଚକ୍ରଫଟୋ ରଖନ୍ତି, ଏବେଠାରୁ ଆଚାର୍ଯ୍ୟଦେବଙ୍କ ଫଟୋ ଅର୍ଥାତ୍ ବର୍ତ୍ତମାନ ଆଚାର୍ଯ୍ୟଦେବଙ୍କ ଫଟୋ ଆପଣମାନେ ରଖିବେ। ଏବେଠାରୁ ପରମାରାଧ୍ୟ ବାବାଙ୍କର ଫଟୋ ଦୀକ୍ଷା ସମୟେ ରଖିବାର କୌଣସି ପ୍ରୟୋଜନ ନାହିଁ। ବର୍ତ୍ତମାନ ଆଚାର୍ଯ୍ୟଦେବଙ୍କ ଫଟୋ ରଖିବାକୁ ହେବ, ଏହା ହିଁ ବିଧି, ଏହା ହିଁ ନିୟମ।

ଏତଦ୍ ବ୍ୟତୀତ ବିଭିନ୍ନ ସ୍ଥାନରେ ଠାକୁରଙ୍କ ଆସନ ବା ଠାକୁରଙ୍କ ପଟ୍ ଆମେ ରଖିଥାଉ। ଠାକୁରଙ୍କ ଆସନରେ ଯାହା ଥାଏ ତାହା ସଂପୂର୍ଣ୍ଣ ଠାକୁରଙ୍କର ଭାବବାହୀ ଗୋଟିଏ ଏକକ ପ୍ରତିକୃତି । ଏହାର ଗୋଟିଏ ଅର୍ଥ ଅଛି, ଉଦ୍ଦେଶ୍ୟ ଅଛି। ଏଥିରେ ମଧ୍ୟ ଖାମଖିଆଲି ଭାବେ ଯାହା ଇଚ୍ଛା ତାହା କରିଲେ, ଯେମିତି-ସେମିତି ଭାବରେ କରିଲେ, ବିଶେଷତଃ ସମଷ୍ଟିଗତ ଭାବେ ଆମେ ଯେଉଁଠି ତାଙ୍କୁ ନେଇ ଚାଲୁ, ସେଠାରେ କିନ୍ତୁ ନିଜ-ନିଜ ଖିଆଲଖୁସୀ ଅନୁସାରେ କରିଲେ ତାହା ବ୍ୟତ୍ୟୟକୁ ହିଁ ଡାକି ଆଣିବ। ଖିଆଲଖୁସି ଅନୁସାରେ କିଛି କରିବାର କୌଣସି ଅଧିକାର ଆମମାନଙ୍କର ନାହିଁ। ନିଜ ମନମାଫିକ ସାଧନଭଜନ କରିବା, ଯାହା ଇଚ୍ଛା ତାହା କରିବା, ଆଉ ସେଇ କରିବାରେ ଅନ୍ୟମାନଙ୍କୁ ସାମିଲ କରିବା, ଅନ୍ୟକୁ ଉଦ୍‌ବୁଦ୍ଧ କରିବାର କୌଣସି ଅଧିକାର ଆମର ନାହିଁ। ଯେଉଁମାନେ ଏପରି କରନ୍ତି, ଯେଉଁମାନେ ନିଜ ମନମାଫିକ ଚଳନରେ ଚାଲିବା ପାଇଁ ମଣିଷକୁ ବିଭ୍ରାନ୍ତ କରନ୍ତି, ସେମାନଙ୍କ ବିଭ୍ରାନ୍ତିର ମାୟାଜାଲରେ କେହି ପଡ଼ିବେ ନାହିଁ। ପ୍ରତିଟି କାର୍ଯ୍ୟର ପଛରେ ଗୋଟିଏ ତାତ୍ପର୍ଯ୍ୟ ରହିଥାଏ। ସେହି ତାତ୍ପର୍ଯ୍ୟ ଅନୁଯାୟୀ ଚାଲିବାକୁ ହୋଇଥାଏ, ସେହି ଭାବ ଅନୁଯାୟୀ ଚାଲିବାକୁ ହୋଇଥାଏ। ଭାବର ସ୍ଖଳନ ହେଲେ କିନ୍ତୁ ପ୍ରାପ୍ତିର ଭଣ୍ଡାର ଶୂନ୍ୟ ହୋଇ ରହିଯିବ। କିଛି ବି ପ୍ରାପ୍ତି ହେବନାହିଁ। କାରଣ, ଭାବଟା ହିଁ ତ ନାହିଁ, ଭାବ-ହରା ହୋଇ ଚାଲିଲେ କିଛି ବି ହୁଏନାହିଁ। ଏବେଠାରୁ ଠାକୁରଙ୍କର ଯେଉଁ ଆସନ ସେଠାରେ ବର୍ତ୍ତମାନ ଆଚାର୍ଯ୍ୟଦେବଙ୍କ ପ୍ରତିକୃତି ସ୍ଥାପନ କରିବାକୁ ହେବ। ଠାକୁର, ବଡ଼ମା, ବଡ଼ଦା–ଏଇ ତିନି ପ୍ରତିକୃତି ଯେପରି ସ୍ଥିର ରହିଛି ସେପରି ରହିବ, ଏବଂ ପରମଆରାଧ୍ୟ ବାବାଙ୍କର ପ୍ରତିକୃତି, ମାନେ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦାଙ୍କ ପ୍ରତିକୃତିର ପରିବର୍ତ୍ତେ ସେ ସ୍ଥାନରେ ବର୍ତ୍ତମାନ ଆଚାର୍ଯ୍ୟଦେବଙ୍କ ପ୍ରତିକୃତି ସ୍ଥାପନ କରିବାଟା ହିଁ ବିଧେୟ। ଆପଣମାନେ କେନ୍ଦ୍ର-ମନ୍ଦିରଗୁଡ଼ିକରେ ଏବଂ ଅନ୍ୟାନ୍ୟ ସ୍ଥାନରେ, ଗୃହରେ ମଧ୍ୟ ଯେ ଠାକୁରଙ୍କୁ ସ୍ଥାପନ କରନ୍ତି, ଏହି ଭାବେହିଁ ରଖିବେ। ଆଉ ପରାମାରାଧ୍ୟ ପିତୃଦେବଙ୍କ ପ୍ରତିକୃତି ରଖିବାକୁ ଚାହିଁଲେ ଅଲଗାଭାବରେ ଯଥାଯୋଗ୍ୟ ସ୍ଥାନ ନିର୍ବାଚନ କରି, ସୁନ୍ଦର କରି କାନ୍ଥରେ ଟଙ୍ଗାଇ ମର୍ଯ୍ୟାଦା ସହକାରେ ରଖିପାରନ୍ତି, ତାଙ୍କୁ ସ୍ମରଣ କରିପାରନ୍ତି, ଶ୍ରଦ୍ଧା-ପ୍ରଣାମ ଜ୍ଞାପନ କରିପାରନ୍ତି। କିନ୍ତୁ ଠାକୁରଙ୍କ ଯେ ପ୍ରତିକୃତି ବା ଆସନ ରହିଛି ସେଠାରେ ଠାକୁର, ବଡ଼ମା, ବଡ଼ଦା ଓ ବର୍ତ୍ତମାନ ଆଚାର୍ଯ୍ୟଦେବ–ଏହିଭାବରେହିଁ ରଖିବେ। ବାବାଙ୍କର ଯେଉଁ ପ୍ରତିକୃତି ଆଚାର୍ଯ୍ୟଦେବଙ୍କ ଆସନରେ ଥିଲା ତାହାକୁ ମର୍ଯ୍ୟାଦାର-ସହ ସୁନ୍ଦର ଭାବେ କାନ୍ଥରେ ଟଙ୍ଗାଇ ରଖିପାରନ୍ତି। ଏହା ବ୍ୟତୀତ, ବିଭିନ୍ନ କେନ୍ଦ୍ର-ମନ୍ଦିରରେ ଆଚାର୍ଯ୍ୟଦେବଙ୍କର ନିର୍ଦ୍ଦିଷ୍ଟ କକ୍ଷ ବା ଆଚାର୍ଯ୍ୟଦେବଙ୍କର ନାଟମଣ୍ଡପରେ ଯେ ବିଛଣା କିମ୍ବା ପ୍ରତିକୃତି ରହିଛି, ତାହାକୁ ଯତ୍ନ-ସହକାରେ ସାଇତି ରଖିଦେଇ ସେ ସ୍ଥାନରେ ବର୍ତ୍ତମାନ ଆଚାର୍ଯ୍ୟଦେବଙ୍କର ପ୍ରତିକୃତି ସ୍ଥାପନ କରି, ପରମାରାଧ୍ୟ ବାବାଙ୍କର ପ୍ରତିକୃତିକୁ ସେଠାରେ ସୁନ୍ଦରଭାବେ କାନ୍ଥରେ ଯଥାଯୋଗ୍ୟ ମର୍ଯ୍ୟାଦାରେ ସ୍ଥାପନ କରିପାରନ୍ତି। କିନ୍ତୁ, ଆମମାନଙ୍କର ଉପାସନା-ସ୍ଥଳରେ, ପ୍ରାର୍ଥନା-ସ୍ଥଳରେ, ପୂଜାର ସ୍ଥଳରେ–ସେଥିରେ କିନ୍ତୁ ଶ୍ରୀଶ୍ରୀଠାକୁର, ଶ୍ରୀଶ୍ରୀବଡ଼ମା, ଶ୍ରୀଶ୍ରୀବଡ଼ଦା ଏବଂ ବର୍ତ୍ତମାନ ଆଚାର୍ଯ୍ୟଦେବ–ଏହିଭାବରେ ସମସ୍ତେ ରଖିବେ ଏବଂ ଚଳିବେ। ଏଇ ଯେ ଆମେ ବିଭିନ୍ନ କେନ୍ଦ୍ର-ମନ୍ଦିରରେ ପ୍ରାର୍ଥନା ପରେ ପ୍ରଦୀପ ନେଇ ପ୍ରଣାମ କରୁ, ପ୍ରଥମେ ଠାକୁର-ପ୍ରଣାମ କରୁ, ତା'ପରେ ବଡ଼ମାଙ୍କୁ ପ୍ରଣାମ କରୁ, ତା'ପରେ ବଡ଼ଦାଙ୍କୁ ପ୍ରଣାମ କରୁ ଓ ତା'ପରେ ଆଚାର୍ଯ୍ୟଦେବଙ୍କୁ ପ୍ରଣାମ କରୁ। ଏଇ ଚାରିଭାବରେ ହିଁ ପ୍ରଣାମ କରିବେ। ବର୍ତ୍ତମାନ ଆଚାର୍ଯ୍ୟଦେବଙ୍କୁ ପ୍ରଣାମ କରିଲେ ହିଁ ତାଙ୍କ ମଧ୍ୟଦେଇ ପୂର୍ବବର୍ତ୍ତୀ ଆଚାର୍ଯ୍ୟଦେବଙ୍କୁ ବି ଶ୍ରଦ୍ଧା-ପ୍ରଣାମ ଜ୍ଞାପନ କରାହୁଏ। ବର୍ତ୍ତମାନଙ୍କ ଭିତରେ ହିଁ ପୂର୍ବବର୍ତ୍ତୀ ରହନ୍ତି। ଠାକୁର କହିଛନ୍ତି–"ପୂର୍ବବର୍ତ୍ତୀଙ୍କୁ ଅଧିକାର କରି ହିଁ ପରବର୍ତ୍ତୀଙ୍କର ଆବିର୍ଭାବ।" ଆଉ ଆମର ବିଭିନ୍ନ ଅନୁଷ୍ଠାନରେ, ସତସଙ୍ଗରେ, ଉତ୍ସବରେ ଜୟଧ୍ୱନି ଦିଆଯାଏ; ଠାକୁରଙ୍କ ଜୟଧ୍ୱନି, ବଡ଼ମାଙ୍କ ଜୟଧ୍ୱନି, ବଡ଼ଦାଙ୍କ ଜୟଧ୍ୱନି, ଆଚାର୍ଯ୍ୟଦେବଙ୍କ ଜୟଧ୍ୱନି ଓ ସତସଙ୍ଗର ଜୟଧ୍ୱନି। ଆମେ ଏତେଦିନ ଧରି "ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ଜୀ କି ଜୟ, ପରମାରାଧ୍ୟା ଜଗଜ୍ଜନନୀ ଶ୍ରୀଶ୍ରୀବଡ଼ମା କି ଜୟ, ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦା କି ଜୟ, ପରମପୂଜ୍ୟପାଦ ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦା କି ଜୟ, ସତସଙ୍ଗ କି ଜୟ" ଧ୍ୱନି ଦେଇଆସୁଥିଲେ। ଏବେଠାରୁ ଆମେମାନେ "ପରମ ପୂଜ୍ୟପାଦ ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦା କି ଜୟ" ପରିବର୍ତ୍ତେ ସ୍ଥାୟୀଭାବେ "ପରମପୂଜ୍ୟପାଦ ଶ୍ରୀଶ୍ରୀଆଚାର୍ଯ୍ୟଦେବ କି ଜୟ" କହିବା। 'ଶ୍ରୀଶ୍ରୀଦାଦା' କହିବାର କୌଣସି ପ୍ରୟୋଜନ ନାହିଁ। ଶ୍ରୀଶ୍ରୀଆଚାର୍ଯ୍ୟଦେବ କି ଜୟ କହିଲେ ହିଁ ପୂର୍ବବର୍ତ୍ତୀ ଆଚାର୍ଯ୍ୟଦେବ ଏବଂ ବର୍ତ୍ତମାନର ଆଚାର୍ଯ୍ୟଦେବଙ୍କ ସହ ଠାକୁର-ବାହୀ ଆଚାର୍ଯ୍ୟ-ପରମ୍ପରାର ହିଁ ଜୟଧ୍ୱନି ଦିଆହେବ। ତା' ଭିତରେ ପୂର୍ବବର୍ତ୍ତୀ, ବର୍ତ୍ତମାନ ଏବଂ ପରବର୍ତ୍ତୀ–ସମଗ୍ରତା ହିଁ

ପରିବ୍ୟାପ୍ତ, ତା'ମଧ୍ୟରେ ଅନ୍ତର୍ଗତ। ଏହି କାରଣରୁ ଏବେଠାରୁ ଆମେ ସ୍ଥାୟୀ ଭାବେ–"ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଜୀ କି ଜୟ, ପରମାରାଧ୍ୟା ଜଗଜ୍ଜନନୀ ଶ୍ରୀଶ୍ରୀବଡ଼ମା କି ଜୟ, ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦା କି ଜୟ, ପରମପୂଜ୍ୟପାଦ ଶ୍ରୀଶ୍ରୀଆଚାର୍ଯ୍ୟଦେବ କି ଜୟ ଏବଂ ସତସଙ୍ଗ କି ଜୟ", ଏହିଭଳି ଧ୍ୱନିଦେବାରେ ଅଭ୍ୟସ୍ତ ହେବା।

ଆଉ ଗୋଟିଏ କଥା; ବର୍ତ୍ତମାନ ଯିଏ ଆମର ଆଚାର୍ଯ୍ୟଦେବ, ଆମେ ଏତେଦିନ ପର୍ଯ୍ୟନ୍ତ ତାଙ୍କ ସଂପର୍କରେ କଥା ହେବା ସମୟରେ ତାଙ୍କର ନାମ ଉଚ୍ଚାରଣ କରୁଥିଲେ। 'ବାବାଇଦା, ବାବାଇଦାଦା, ପୂଜନୀୟ ବାବାଇଦା, ପୂଜ୍ୟପାଦ ବାବାଇଦା'– ଏମିତି ବିଭିନ୍ନ ଭାବେ ସମ୍ବୋଧନ କରୁଥିଲେ। ଏବେଠାରୁ ଏଭଳି ଡାକରେ ପରିବର୍ତ୍ତନ କରିବା ହିଁ ଉଚିତ୍। ଆମର ଆର୍ଯ୍ୟ-ଭାରତୀୟ ସଂସ୍କାର ହେଲା–ଯିଏ ଗୁରୁ, ଗୁରୁ-ସ୍ଥାନୀୟ, ଯିଏ ଆଚାର୍ଯ୍ୟ–ତାଙ୍କର ନାମ ଧରି ଡାକିବା ଶୋଭନୀୟ ନୁହେଁ। ତେଣୁ ତାଙ୍କୁ କେବଳ 'ଆଚାର୍ଯ୍ୟଦେବ' ବୋଲି ସମ୍ବୋଧନ କରିବେ, ଯେଉଁମାନେ କେବଳ 'ଦାଦା' ବୋଲି ଡାକୁଥିଲେ ସେମାନେ ସେଇ 'ଦାଦା' ବୋଲି ଡାକିବେ କିମ୍ବା ଯେତେବେଳେ ତାଙ୍କ ସମ୍ମୁଖରେ ତାଙ୍କ ସହ କଥାବାର୍ତ୍ତା ହେବେ ସେତେବେଳେ 'ଦାଦା' ବୋଲି କହିବେ। କିନ୍ତୁ ନାମ ଧରି ତା'ସହ ଦାଦା ବୋଲି ଡାକିବା ଶୋଭନୀୟ ନୁହେଁ। ଏଇଟା ଆମର ଆର୍ଯ୍ୟ-ଭାରତୀୟ ପରମ୍ପରା, ଆର୍ଯ୍ୟ-ଭାରତୀୟ ସଂସ୍କାର। ଏଗୁଡ଼ିକୁ ରକ୍ଷା କରିବାକୁ ହୁଏ, ପାଳନ କରିବାକୁ ହୁଏ, ଅନୁସରଣ କରିବାକୁ ହୁଏ। ଆମେ ଯେତେବେଳେ ତାଙ୍କ ସଂପର୍କରେ କଥା-ପ୍ରସଙ୍ଗରେ ଆଲୋଚନା କରିବା ସେତେବେଳେ କେବଳ "ଆଚାର୍ଯ୍ୟଦେବ" ହିଁ କହିବା, ଏଥିରୁ ଜଣାପଡ଼ିବ କି ଆମେ ତାଙ୍କ ସଂପର୍କରେହିଁ କଥା ହେଉଛେ। ଆଉ ଏଯାବତ୍ ପର୍ଯ୍ୟନ୍ତ "ଶ୍ରୀଶ୍ରୀଦାଦା" କହିଲେ ହିଁ ଲୋକମାନେ ପରମାରାଧ୍ୟ ବାବାଙ୍କୁ ଜାଣୁଥିଲେ, ତେଣୁ ଏଭଳି ଡାକରେ ଏକ ବିଭ୍ରାନ୍ତି ସୃଷ୍ଟି ହୋଇପାରେ। ଏହି କାରଣରୁ କେବଳ "ଆଚାର୍ଯ୍ୟଦେବ" ଡାକିବାହିଁ ଭଲ। ଯେଉଁମାନେ ପାଖରେ ଥାଆନ୍ତି ସେମାନେ ସହଜ ଭାବେ 'ଦାଦା' ବୋଲି ହିଁ ସମ୍ବୋଧନ କରିଥାଆନ୍ତି। ସେମାନେ ଯେଉଁ ଭଳି ଭାବେ 'ଦାଦା' ବୋଲି ଡାକନ୍ତି ଏବଂ ତାଙ୍କ ସହିତ କଥା ହେବା ବେଳେ 'ଦାଦା' ସମ୍ବୋଧନ କରନ୍ତି, ତାହା କରିଲେ ମଧ୍ୟ ଯେତେବେଳେ ତାଙ୍କ ପ୍ରସଙ୍ଗରେ ଆଲୋଚନା ହେବ ସେସମୟରେ "ଆଚାର୍ଯ୍ୟଦେବ" ଏଇଭାବେ ସମ୍ବୋଧନ କରିବା ହିଁ ଭଲ। ଏହାହିଁ ବିଧେୟ, ଏହାକୁ ଅନୁସରଣ କରିବେ।

ଆଉ ଗୋଟିଏ କଥା, ଶ୍ରୀଶ୍ରୀଠାକୁର ଏବଂ ଶ୍ରୀଶ୍ରୀବଡ଼ମା କିନ୍ତୁ ଅଭେଦ। ଠାକୁର ନିଜେ କହିଛନ୍ତି–ଶ୍ରୀଶ୍ରୀବଡ଼ମା ହେଉଛନ୍ତି ତାଙ୍କର ନାରୀ-ରୂପ, ତାଙ୍କର ସମବିପରୀତ ସତ୍ତା। ତେଣୁ, ବଡ଼ମାଙ୍କ ପ୍ରତିକୃତି ଆମେ ରଖୁ ବା ନରଖୁ, ସେ ସର୍ବଦା ଠାକୁରଙ୍କ ସଙ୍ଗେ ହିଁ ଅଛନ୍ତି। ଶ୍ରୀଶ୍ରୀବଡ଼ମାଙ୍କ ସ୍ଥାନ କିନ୍ତୁ ଠାକୁରଙ୍କ ସହ ସମାନ ଲେଭୁଲ ହେବା ଦରକାର। ଶ୍ରୀଶ୍ରୀବଡ଼ଦାଙ୍କ ଆସନ କିମ୍ବା ଆଚାର୍ଯ୍ୟଦେବଙ୍କ ଆସନ ତା'ଠାରୁ ଟିକିଏ ନିଚା ଲେଭୁଲରେ କରିବା ଉଚିତ–ଏହା ହିଁ ବିଧେୟ। ସମସ୍ତଙ୍କୁ ସମଉଚ୍ଚତାରେ କିମ୍ବା ସମାନ ସ୍ଥାନରେ, ଏକ ଆସନରେ, ଏକ ବିଛଣାରେ ରଖି ଉପାସନା କରିବା ବି ଉଚିତ ନୁହେଁ। ଗୋଟିଏ ଆସନ ତିଆରି କଲି, ସେଠାରେ ହିଁ ତିନି-ଚାରିଟି ଛବି ରଖିଦେଲି–ଏଭଳି କରାଯାଏ ନାହିଁ। ଏପରି କଲେ ଭାବର ସ୍ଖଳନ ହୁଏ। ଅନେକ ସମୟରେ ରାସ୍ତାଘାଟରେ ବା ଅନେକଙ୍କ ଘରେ କିମ୍ବା ଦୋକାନରେ ଏଭଳି ଫଟୋ ଦେଖାଯାଏ, ଯେଉଁଥିରେ ଗୋଟିଏ ଫ୍ରେମ୍-ରେ ଠାକୁରଙ୍କ ମୁହଁ, ତା'ପାଖକୁ ବଡ଼ମାଙ୍କ ମୁହଁ, ତା'କଡ଼କୁ ବଡ଼ଦାଙ୍କ ମୁହଁ, ପୁଣି ଠାକୁରଙ୍କ ପେଟ ଭିତରୁ ବାହାରି ଆସିଥିବ ଶ୍ରୀଶ୍ରୀଦାଦାଙ୍କ ମୁହଁ, ଆଉ ଗୋଟିଏ କୋଣରେ ଥିବ ବର୍ତ୍ତମାନ ଆଚାର୍ଯ୍ୟଦେବଙ୍କ ମୁହଁ। ଲୋକ ଭାବିଲେ, ଗୋଟିଏ ଯାଗାରେ ସମସ୍ତଙ୍କୁ ପାଇଗଲି। ଏହା ଫଳରେ କିନ୍ତୁ ଭାବର ସ୍ଖଳନ ଘଟେ। ଏଭଳି କରିବା ଭଲ ନୁହେଁ। ଆମମାନଙ୍କର ଧ୍ୟେୟ, ଇଷ୍ଟ, ଆରାଧ୍ୟ–ସବୁହିଁ ହେଉଛନ୍ତି ଠାକୁର। ଆମମାନଙ୍କର ଧ୍ୟାନ ଠାକୁରଙ୍କଠାରେ କେନ୍ଦ୍ରାୟିତ କରିବା ହିଁ ଆମର ସାଧନା। ଠାକୁରଙ୍କ ସହିତ ସମସ୍ତଙ୍କୁ ଏକାକାର କରିବାଟା କିନ୍ତୁ ବିଧେୟ ନୁହେଁ। ଏପରିକି ଠାକୁରଙ୍କର ଯିଏ ଚେତନ ପ୍ରତୀକ, ସେ ତାଙ୍କର ପ୍ରତୀକ; ଏଇ ପ୍ରତୀକଙ୍କ ସହିତ ଯେତେଟା ସୂକ୍ଷ୍ମ ପାର୍ଥକ୍ୟ ରହିବା ଦରକାର ତାହା ରଖିବାକୁ ହୁଏ। ଏହା ହିଁ ବିଧେୟ। ଏଗୁଡ଼ିକୁ ଅନୁସରଣ କରିବାକୁ ହୁଏ। ଏହି ଭାବକୁ ଯଦି ଆମେ ଧରି ନ ରଖୁ , ତା'ହେଲେ ଆମମାନଙ୍କର ଅନ୍ତରର ଭାବ ପରିପୁଷ୍ଟ ହୁଏନାହିଁ। ତା'ହେଲେ ଆମେମାନେ ଯାହା ହେବା ଲାଗି ସାଧନା କରୁଛେ ତାହା ହେବାରୁ ବଞ୍ଚିତହିଁ ରହିଯାଉ। ମନର ଘଣା ମଧ୍ୟରେ ପଡ଼ି ଘୁରିଘୁରି ଗୋଟିଏ ସ୍ଥାନରେ ଅଟକିଯାଉ, ବୃଦ୍ଧି ହୁଏନାହିଁ। ଜୀବନବର୍ଦ୍ଧନ ଲାଗି ହିଁ ତ ଆମେ ଯାହା କିଛି କରୁ! ସେଥିପାଇଁ ଏସବୁ

ଅନୁସରଣ କରିବାକୁ ହୋଇଥାଏ, ଆଉ ଠାକୁରଙ୍କ ପ୍ରତିକୃତି ସହ ଅନ୍ୟ କୌଣସି ପ୍ରତିକୃତି ରଖିବା ଭଲ ନୁହେଁ। ଆମର ଅନେକ ପୂଜନୀୟ ଅଛନ୍ତି, ଯାହାଙ୍କୁ ଆମେ ପୂଜ୍ୟ ମନେକରୁ, ଯାହାଙ୍କୁ ଆମେ ଭଲପାଉ, ସେଇ ଭଲପାଇବା ହେତୁ ତାଙ୍କର ପ୍ରତିକୃତି ଯଦି ଆମେ ରଖିବାକୁ ଚାହୁଁ, ତେବେ ପୃଥକ ଭାବେ ରଖିପାରିବା। ଠାକୁରଙ୍କ ଆସନରେ କିନ୍ତୁ ଠାକୁର, ବଡ଼ମା, ବଡ଼ଦା ଏବଂ ବର୍ତ୍ତମାନ ଆଚାର୍ଯ୍ୟଦେବ ହିଁ ରହିବେ–ଏହିଭାବେ ହିଁ ରଖିବାକୁ ହେବ। ଏହା ବ୍ୟତୀତ ଆଉ ଯାହା କିଛି ହେଉ, ତାହା କିନ୍ତୁ ବିଧିସମ୍ମତ ନୁହେଁ। ଆମେ ଯେଉଁମାନେ ଠାକୁରଙ୍କୁ ନେଇ ଚାଲୁ, ଏକ ଆଦେଶେ, ଏକ ଆଦର୍ଶରେ, ଏକ ବିଧିରେ, ଏକ ଅନୁଶାସନରେ ଅନୁପ୍ରାଣିତ ହୋଇ ଯଦି ନ ଚାଲୁ, ତାହା ଯଦି ପରିପାଳନ ନ କରୁ, ତା'ହେଲେ ଠାକୁର ଆମମାନଙ୍କୁ ଯେଭଳି ହୋଇଉଠିବାକୁ କହିଛନ୍ତି, ସେଇ 'ହୋଇ ଉଠିବା'ରୁ କି ଆମେ ବଞ୍ଚିତ ହେବା ନାହିଁ? ତେଣୁ ସମସ୍ତେ ଯଥାଯଥ ଭାବେ ଏହିସବୁର ଅନୁସରଣ କରିବେ।

ଏଇ ସମୟରେ, ଏଇ ପରିବର୍ତ୍ତନର ସମୟରେ ମନ ଭିତରେ ଗୋଟିଏ ଅଦ୍ଭୁତ ପ୍ରକ୍ରିୟା କ୍ରିୟାଶୀଳ ହୋଇଥାଏ, ସେଥିପାଇଁ ସମସ୍ତଙ୍କର ମନଟା ବିକ୍ଷିପ୍ତ ରହିଥାଏ। ଏବେ ପ୍ରତ୍ୟେକଙ୍କର ମନଟାକୁ ସଂହତ କରିତୋଳିବା ଜରୁରୀ। ଆଚାର୍ଯ୍ୟଦେବ ଯେପରି କହନ୍ତି, ତାଙ୍କର ଇଚ୍ଛା, ତାଙ୍କର ଅଭିପ୍ସା, ତାଙ୍କର ଅଭିପ୍ରାୟକୁ ବୁଝି, ସେଇ ଅନୁଯାୟୀ କାମରେ ଲାଗିଯିବା। ସେ ସେଦିନ, ଏଇ କିଛିଦିନ ପୂର୍ବରୁ ସତସଙ୍ଗରେ ସମସ୍ତଙ୍କୁ ସାବଧାନ ରହିବାକୁ କହିଛନ୍ତି–ଆପଣମାନେ ସମସ୍ତେ ହୁଏତ ଶୁଣିଥିବେ। ଏବେ ବି ସଂକ୍ରମଣର ଆଶଙ୍କା ଶେଷ ହୋଇନାହିଁ; ଆଉ ଗୋଟିଏ ଲହର ଆସିପାରେ। ନିଜକୁ ଏବଂ ନିଜ ପାରିପାର୍ଶ୍ୱିକ, ପରିବାର, ପରିବେଶ, ସମସ୍ତଙ୍କୁ ବଞ୍ଚାଇବା–ଏଇଟା ଆମର କର୍ତ୍ତବ୍ୟ। ସାବଧାନ ହୋଇ ଚଳନ୍ତୁ, ଇଷ୍ଟମୁଖୀ ହୋଇ ଚଳନ୍ତୁ, ତନ୍ମୟ ହୁଅନ୍ତୁ, ନିତ୍ୟଯାଜୀ ହୁଅନ୍ତୁ। ଆଉ ସର୍ବାଗ୍ରେ ଦରକାର ନିତ୍ୟ ଯଜନଶୀଳ ହେବା। ନାମଧ୍ୟାନ, ଇଷ୍ଟଭୃତି, ସ୍ୱସ୍ତ୍ୟୟନୀର ବିଧି ଯଥାଯଥ ପରିପାଳନର ପ୍ରଚେଷ୍ଟା, ପରମଦୟାଲଙ୍କ ଅମିୟ ବାଣୀ ପାଠକରି, ସେଗୁଡ଼ିକୁ ଅନୁଧାବନ କରି ପରିପାଳନର ପ୍ରଚେଷ୍ଟା, ଆତ୍ମବିଶ୍ଳେଷଣ–ଏଗୁଡ଼ିକ ପ୍ରତିପ୍ରତ୍ୟେକଙ୍କର ଅତ୍ୟନ୍ତ ପ୍ରୟୋଜନ। ତା'ହେଲେ ହିଁ ଆଚାର୍ଯ୍ୟଦେବଙ୍କ ଇପ୍ସିତ ଯାହା କିଛି ତାହା ଆମେ ନିଜେ ବି ପରିପାଳନ କରିପାରିବା, ଆଉ ଆମମାନଙ୍କର ଚଳନକୁ ଦେଖି ଉଦ୍ବୁଦ୍ଧ ହୋଇ ସେଇ ଉଦାହରଣରେ ଶହ-ଶହ, ହଜାର-ହଜାର ମଣିଷ ଉଦ୍ବୁଦ୍ଧ ହୋଇଉଠିବେ। ମଣିଷ ଜୀବନବର୍ଦ୍ଧନ ପଥରେ ଆହୁରି ଦୃଢ଼ ହେବେ। ପ୍ରତ୍ୟେକଙ୍କ ଜୀବନରେ ଠାକୁର ଜୟଯୁକ୍ତ ହୋଇଉଠିବେ। ଏଇ ସାଧନାରେ ଚଳିବାକୁ ଆମମାନଙ୍କୁ ଅଙ୍ଗୀକାର କରିବାକୁ ହିଁ ହେବ। ତା'ହେଲେ ହିଁ ଆମେ ବୁକୁଫୁଲାଇ କହିପାରିବା–"ହଁ, ମୁଁ ତୁମର ହିଁ , ମୁଁ ତୁମର ହିଁ, ମୁଁ ତୁମର ହିଁ! ମୋ ଜୀବନରେ ତୁମେହିଁ ଜୟଯୁକ୍ତ, ମୁଁ ମୋ ଜୀବନରେ ସବୁ ସମୟରେ ତୁମକୁ ହିଁ ଜୟୀ କରିତୋଳେ, ମୋର କୌଣସି ଦୁର୍ବଳତା ନାହିଁ।" ଯେପରି ଭାବେ ପରମାରାଧ୍ୟ ବାବା–ଯିଏ ତାଙ୍କ ସମଗ୍ର ଜୀବନ ଦେଇ, ସମଗ୍ର ସତ୍ତା ଦେଇ, ସମଗ୍ର ଚେତନା ଦେଇ, କେବଳ 'ତାଙ୍କରି' ପ୍ରତିଷ୍ଠା ହିଁ କରିଯାଇଛନ୍ତି, ସମସ୍ତଙ୍କ ଭିତରେ 'ତାଙ୍କୁ' ହିଁ ପରିବେଶଣ କରିଯାଇଛନ୍ତି। କାହାକୁ କେବେ ବି ଦୁଃଖ ଦେଇ ନାହାନ୍ତି, କଷ୍ଟ ଦେଇନାହାନ୍ତି, ଅକାତର ଭାବରେ କେବଳ ଦେଇଯାଇଛନ୍ତି। ସମଗ୍ର ସତ୍ତା ଦେଇ, ସମଗ୍ର ଜୀବନ ଦେଇ, ସମଗ୍ର ଚେତନା ଦେଇ, ସମଗ୍ର କର୍ମ ଦେଇ ଖାଲି 'ତାଙ୍କରି' ପ୍ରତିଷ୍ଠା ହିଁ କରିଯାଇଛନ୍ତି ସେ। ଆଉ କରିଦେଖାଇ, ବୁଝାଇ ଦେଇଯାଇଛନ୍ତି –ଏହା କରା ସମ୍ଭବ। ଆଉ ଏହା ହିଁ ଏକମାତ୍ର ଭଲ ରହିବାର ଉପାୟ, ଚିରଜୀବୀ ହେବାର ଉପାୟ। ଏହି ଦେହ ରୁହେନା–ଦେହ ନଶ୍ୱର। ଦେହବିହୀନ ହୋଇମଧ୍ୟ ଅନନ୍ତକାଳ ବଞ୍ଚିରହିବା ସମ୍ଭବ, ଯେମିତି ଅନନ୍ତକାଳ ଧରି ବଞ୍ଚିରହିବେ ପରମାରାଧ୍ୟ ପିତୃଦେବ ।

ଆପଣ ସମସ୍ତେ ପରମଦୟାଲଙ୍କ ଅମିୟ ଆଶିଷ ଲାଭ କରନ୍ତୁ, ନିଜ ଜୀବନରେ ତାଙ୍କର ଆଶୀର୍ବାଦରେ ସ୍ନାତ ହୁଅନ୍ତୁ। ଆଚାର୍ଯ୍ୟଦେବଙ୍କ ଇଚ୍ଛାନୁରୂପ ଚଳନରେ ଅଭ୍ୟସ୍ତ ହୋଇଉଠନ୍ତୁ। ତା'ହେଲେ ହିଁ ଜୀବନ ସାର୍ଥକ ହେବ। ଆମମାନଙ୍କର ଏହି ଯେ ଠାକୁର ଧରିକି ଚାଲିବା, ତାହା ସଫଳ ହେବ, ଆମର ଜୀବନ ପୂର୍ଣ୍ଣତାର ପଥରେ ଆଗେଇ ଚାଲିବ, ସାର୍ଥକତାର ପଥରେ ଆଗେଇ ଚାଲିବ। ଜୟଗୁରୁ!

ବନ୍ଦେ ପୁରୁଷୋତ୍ତମମ୍! ବନ୍ଦେ ପୁରୁଷୋତ୍ତମମ୍!! ବନ୍ଦେ ପୁରୁଷୋତ୍ତମମ୍!!!